# Australian Minister for Foreign Affairs and Women, H.E. Marise Payne, and Minister for Defence, H.E. Peter Dutton call on Prime Minister

September 11, 2021

# ଅଷ୍ଟ୍ରେଲିଆର ବୈଦେଶିକ ତଥା ମହିଳା ବିଭାଗ ମନ୍ତ୍ରୀ ମହାମହିମ ମାରିସ ପେନ ଓ ପ୍ରତିରକ୍ଷା ମନ୍ତ୍ରୀ ମହାମହିମ ପିଟର ଡଟନ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ କଲେ

ସେପ୍ଟେମ୍ବର 11, 2021

ଅଷ୍ଟ୍ରେଲିଆର ବୈଦେଶିକ ତଥା ମହିଳା ବିଭାଗ ମନ୍ତ୍ରୀ ମହାମହିମ ମାରିସ ପେନ ଓ ପ୍ରତିରକ୍ଷା ମନ୍ତ୍ରୀ ମହାମହିମ ପିଟର ଡଟନ ଆଜି ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମନ୍ତ୍ରୀସ୍ତରୀୟ ୨+୨ କଥାବାର୍ତ୍ତା ସମାପନର ତୁରନ୍ତ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ।

ପ୍ରଧାନମନ୍ତ୍ରୀ ୨+୨ ବୈଠକ ସମୟରେ ଫଳପ୍ରଦ ଆଲୋଚନା ପାଇଁ ଅଷ୍ଟ୍ରେଲୀୟ ପ୍ରତିନିଧିଙ୍କୁ ପ୍ରଶଂସା କରିବା ସହ ଉଭୟ ରାଷ୍ଟ୍ର ମଧ୍ୟରେ ଏହା ବର୍ଦ୍ଧିତ ରଣନୀତିକ ସମ୍ବନ୍ଧର ସଂକେତ ବୋଲି ଉଲ୍ଲେଖ କରିଛନ୍ତି ।

ବୈଠକରେ ଅନେକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା, ଯେଉଁଥିରେ ଦ୍ୱିପାକ୍ଷିକ ରଣନୀତିକ ତଥା ଆର୍ଥିକ ସହଯୋଗ ବୃଦ୍ଧିର ସମ୍ଭାବନା, ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ର ପ୍ରତି ଉଭୟ ଦେଶର ସମାନ ଦୃଷ୍ଟିକୋଣ ଏବଂ ଉଭୟ ପକ୍ଷ ମଧ୍ୟରେ ମାନବ-ସେତୁ ରୂପରେ ଅଷ୍ଟ୍ରେଲିଆରେ ଭାରତୀୟ ସମୁଦାୟଙ୍କ ବର୍ଦ୍ଧିତ ମହତ୍ତ୍ୱ ଆଦି ସାମିଲ ଥିଲା ।

ପ୍ରଧାନମନ୍ତ୍ରୀ ବିଗତ ବର୍ଷରେ ଉଭୟ ଦେଶ ମଧ୍ୟରେ ସ୍ଥାପିତ ବ୍ୟାପକ ରଣନୀତିକ ଭାଗୀଦାରିକୁ ଦ୍ରୁତ ଗତିରେ ଆଗେଇ ନେବାରେ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି । ସେ ପ୍ରଧାନମନ୍ତ୍ରୀ ମୋରିସନଙ୍କୁ ତାଙ୍କ ସୁବିଧା ଅନୁସାରେ ଶୀଘ୍ର ଭାରତ ଗସ୍ତରେ ଆସିବା ପାଇଁ ପୁନଃ ଆମନ୍ତ୍ରଣ କରିଛନ୍ତି ।

**ନୂଆଦିଲ୍ଲୀ**
ସେପ୍ଟେମ୍ବର 11, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.